## ଜୀବିକା ନିର୍ବାହରେ ଉନ୍ନତି

ଯେଉଁ ଲୋକମାନେ ପ୍ରକଳ୍ପ ଦ୍ୱାରା ବିଶେଷ ଭାବରେ କ୍ଷତିଗ୍ରସ୍ତ ହେଉଥିଲେ ମଧ୍ୟ ଓଡ଼ିଶା ସରକାରଙ୍କର ପୁନଃ ଥଇଥାନ ଏବଂ ପୁନର୍ବାସ ନୀତି ଦ୍ୱାରା ଉପକୃତ ହୋଇପାରୁନାହାଁନ୍ତି ଆମେ ସେମାନଙ୍କର ଜୀବିକାରେ ଉନ୍ନତି ଆଣିବା ନିମନ୍ତେ ବିଭିନ୍ନ ପ୍ରଶିକ୍ଷଣ ଯୋଗାଇଦେବୁ । ଯାହା ଦ୍ୱାରା ସେମାନଙ୍କର ଦକ୍ଷତା ବୃଦ୍ଧି ହେବ ଏବଂ ସେମାନେ ସମୂହ ବିକାଶରେ ଭାଗନେଇ ପାରିବେ ।

## ଅଭିଯୋଗ ନିରାକରଣ



ପ୍ରସ୍ତାବିତ ଅଞ୍ଚଳ ଲୋକଙ୍କ ସହ ଉତ୍ତମ ଯୋଗସୂତ୍ର ସ୍ଥାପନ କରିବା ନିମନ୍ତେ ଆମେ କୁଜଙ୍ଗ ଠାରେ ଏକ କାର୍ଯ୍ୟାଳୟ ଖୋଲିବା ପାଇଁ ଯାଉଅଛୁ । ଏହି କାର୍ଯ୍ୟାଳୟ ସ୍ଥାନୀୟ ଲୋକମାନଙ୍କ ସମସ୍ୟା ସମ୍ବନ୍ଧରେ ସମସ୍ତ ତଥ୍ୟ ସଂଗ୍ରହ କରିବା ସହ ପ୍ରକଳ୍ପ ସମ୍ବନ୍ଧୀୟ ସମସ୍ତ ସୂଚନା ପ୍ରଦାନ କରିବ । ପୁନଃଥଇଥାନ ଓ ପୁନର୍ବାସ ପ୍ରକ୍ରିୟାରେ ବାସଚ୍ୟୁତ ବ୍ୟକ୍ତିମାନଙ୍କୁ ସାମିଲ କରିବା ପାଇଁ ଏକ ଅଭିଯୋଗ ନିରାକରଣ ପ୍ରକ୍ରିୟା ଗଠନ କରାଯିବ ।

**ଆପଣଙ୍କ ବିକାଶ ଓ ପ୍ରଗତି ପାଇଁ ଆମ ପ୍ରତିଶ୍ରୁତିର ଏହା ଏକ ପ୍ରାରମ୍ଭ ମାତ୍ର .... ଆସନ୍ତୁ ଆମେ ହାତ ମିଳାଇବା ଏବଂ ଏକ ଉନ୍ନତ ଭବିଷ୍ୟତ ଦିଗରେ ଆଗେଇଯିବା ।**

**ପୋସ୍କୋ-ଇଣ୍ଡିଆ**
୭ମ ତଳ, ଫରଚୁନ ଟାୱାର୍ସ, ଚନ୍ଦ୍ରଶେଖରପୁର
ଭୁବନେଶ୍ୱର - ୭୫୧ ୦୨୩, ଓଡ଼ିଶା, ଭାରତ, ଫୋନ୍ - ୯୧-୬୭୪-୨୩୦୩୬୯୦/୯୧



# ସ୍ୱଚ୍ଛଳ ଓ ପର୍ଯ୍ୟାପ୍ତ କ୍ଷତିପୂରଣ ହେବା ପାଇଁ ଆମେ ପ୍ରତିଶ୍ରୁତିବଦ୍ଧ

**ପୋସ୍କୋ-ଇଣ୍ଡିଆ**

ପୋସ୍କୋ ବିଭିନ୍ନ ଦେଶରେ ନିଜର ପ୍ରକଳ୍ପ ସ୍ଥାପନ କରି ବିଶ୍ୱର ୪ର୍ଥ ବୃହତ୍ତମ ଇସ୍ପାତ ଉତ୍ପାଦନକାରୀ ଭାବେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି । ଦକ୍ଷିଣ କୋରିଆର ଦ୍ରୁତ ସାମାଜିକ ଓ ଅର୍ଥନୈତିକ ବିକାଶ କ୍ଷେତ୍ରରେ ପୋସ୍କୋର ଅବଦାନ ଅତୁଳନୀୟ । ଆଜିର ଉନ୍ନତ କୋରିଆକୁ ଗଢ଼ି ତୋଳିଥିବା ପୋସ୍କୋ ଦୀର୍ଘ ୩୮ ବର୍ଷ ପୂର୍ବେ ଖାଲି ପଡ଼ିଥିବା ଜମି ଓ ମତ୍ସ୍ୟଜୀବୀ ଗ୍ରାମଗୁଡ଼ିକରେ ସ୍ଥାନୀୟ ଲୋକଙ୍କ ସହଯୋଗକୁ ନେଇ ଆରମ୍ଭ ହୋଇଥିଲା । ଏହି ସଫଳତାକୁ ଦୋହରାଇବା ନିମନ୍ତେ ପୋସ୍କୋ ଓଡ଼ିଶାବାସୀଙ୍କ ସହିତ ହାତ ମିଳାଇଛି ।

ବିସ୍ତୃତ ଅନୁଧ୍ୟାନ ପରେ ଆମେ ଓଡ଼ିଶା, ବିଶେଷ କରି ଜଗତସିଂହପୁରରେ ବିକାଶର ସମ୍ଭାବନା ଦେଖିବାକୁ ପାଇଲୁ । ଏହି ଅଞ୍ଚଳର ବିକାଶର ଧାରା ସହ ତାଳ ଦେଇ ଯେଉଁ ନୂତନ ପିଢ଼ି ବଢ଼ିଉଠିବ ସେମାନଙ୍କ ସ୍ୱପ୍ନକୁ ସାକାର କରିବାକୁ ଆମେ ଆଶା କରୁଛୁ । ଆମେ ଓଡ଼ିଶାର ସମୃଦ୍ଧ ଓ ଭିନ୍ନ ଭିନ୍ନ ସଂସ୍କୃତି ସହ ସାମିଲ ହେବାରେ ଗର୍ବିତ ।

ଓଡ଼ିଶାର ଜଗତସିଂହପୁର ଜିଲ୍ଲାରେ ପୋସ୍କୋ ଏକ ଇସ୍ପାତ ପ୍ରକଳ୍ପ ନିର୍ମାଣ କରିବାକୁ ଯାଉଅଛି । ଏଠାରୁ ଉତ୍ପାଦିତ ହେବାକୁ ଥିବା ବାର୍ଷିକ ୧୨ ନିୟୁତ ଟନ୍ ଇସ୍ପାତ ଦ୍ୱାରା ଅଗଣିତ ଭୂତଳ ଶସ୍ୟାଗାର, ଇସ୍ପାତ ଛାତ ଓ ହଜାର ହଜାର କିଲୋମିଟର ବ୍ୟାପି ପାଇପ୍‌ଲାଇନ୍ ନିର୍ମାଣ କରାଯାଇପାରେ । ଆମେ ଏକ ବିଶ୍ୱମାନର ଇସ୍ପାତ କମ୍ପାନୀ ପ୍ରତିଷ୍ଠା କରିବାକୁ ପ୍ରତିଶ୍ରୁତିବଦ୍ଧ ଯାହାକି ରାଜ୍ୟର ଗଚ୍ଛିତ ଖଣିଜ ସମ୍ପଦକୁ ପର୍ଯ୍ୟାପ୍ତ ମୂଲ୍ୟଯୁକ୍ତ କରିବା ସଙ୍ଗେ ସଙ୍ଗେ ଓଡ଼ିଶାକୁ ବିଶ୍ୱ ଇସ୍ପାତ ଶିଳ୍ପର ଶୀର୍ଷ ସ୍ଥାନକୁ ନେଇଯିବ ।

## ଆମେ ପ୍ରତିଶ୍ରୁତିବଦ୍ଧ

### ଓଡ଼ିଶାର ପୁନର୍ବାସ ଓ ପୁନଃଥଇଥାନ ନିୟମ ଅନୁଯାୟୀ ସ୍ୱଚ୍ଛ ଓ ପର୍ଯ୍ୟାପ୍ତ କ୍ଷତିପୂରଣ ଯୋଗାଇଦେବା ନିମନ୍ତେ



ସ୍ଥାନୀୟ ଅଞ୍ଚଳରେ ହେବାକୁ ଥିବା ବାସଚ୍ୟୁତ ବ୍ୟକ୍ତିମାନଙ୍କ ସଂଖ୍ୟାକୁ ହ୍ରାସ କରାଇବା ଲକ୍ଷ୍ୟରେ ପୋସ୍କୋ-ଇଣ୍ଡିଆ ନିଜର ଆବଶ୍ୟକ ଜମିର ପରିମାଣକୁ କମାଇବା ପାଇଁ ଅକ୍ଳାନ୍ତ ପରିଶ୍ରମ କରିଛି । ବର୍ତ୍ତମାନ ସୁଦ୍ଧା ବାସଚ୍ୟୁତ ସଂଖ୍ୟା କମାଇବା ନିମନ୍ତେ କମ୍ପାନୀ ଏହାର ପ୍ରକଳ୍ପ ବିନ୍ୟାସ ପ୍ରକ୍ରିୟାକୁ ୬୦ ଥର ପରିବର୍ତ୍ତନ କରିଛି ।

ବିସ୍ଥାପିତ ଲୋକଙ୍କ ପାଇଁ ଓଡ଼ିଶା ସରକାର ଏକ ସ୍ୱାଗତଯୋଗ୍ୟ ପୁନର୍ବାସ ଓ ଥଇଥାନ ନୀତି ପ୍ରସ୍ତୁତ କରିଛନ୍ତି । ଏହି ନୀତି ଅନୁଯାୟୀ, ବାସଗୃହ, ସ୍ଥାୟୀ କୋଠା ଘର, ଜମି ଏବଂ ବୃକ୍ଷ ଇତ୍ୟାଦିର ସଠିକ୍ ମୂଲ୍ୟ ନିରୂପଣ କରାଯିବ । ପୁନଶ୍ଚ ଗୃହ ନିର୍ମାଣ ଓ ନୂତନ ଜାଗାକୁ ଯିବା ନିମନ୍ତେ ପ୍ରଦତ୍ତ ଅର୍ଥ ସହାୟତା ମଧ୍ୟ ଯୋଗାଇ ଦିଆଯିବ । ଆମେ କର୍ତ୍ତବ୍ୟ ପରାୟଣତା ସହ ଓଡ଼ିଶା ସରକାରଙ୍କ ପୁନଃ ଥଇଥାନ ଓ ପୁନର୍ବାସ ନୀତିର ସମସ୍ତ ନିୟମାବଳୀକୁ ଯଥାଚିତ ଭାବେ ପାଳନ କରିବୁ ।

### ସ୍ୱଚ୍ଛ କ୍ଷତିପୂରଣ



ପ୍ରସ୍ତାବିତ ଇସ୍ପାତ ପ୍ରକଳ୍ପ ଅଞ୍ଚଳର ବାସଚ୍ୟୁତ ଏବଂ କ୍ଷତିଗ୍ରସ୍ତ ଲୋକଙ୍କ ସ୍ୱାର୍ଥକୁ ଦୃଷ୍ଟି ରଖି ଏକ ସାମାଜିକ, ଆର୍ଥିକ ପର୍ଯ୍ୟବେକ୍ଷଣ (ସର୍ଭେ) କାର୍ଯ୍ୟ ବହୁ ଶୀଘ୍ର ଆରମ୍ଭ କରାଯିବ । ଏକ ସ୍ୱଚ୍ଛ ପ୍ରକ୍ରିୟା ମାଧ୍ୟମରେ କ୍ଷତିପୂରଣ ଯୋଗାଇଦେବା ନିମନ୍ତେ ଆମେ ଯଥାଯୋଗ୍ୟ ପଦକ୍ଷେପ ଗ୍ରହଣ କରିବୁ । ପୁନର୍ବାସ ଓ ପୁନଃଥଇଥାନ ସମ୍ବନ୍ଧୀୟ ସମସ୍ତ ବିଷୟ ବିସ୍ଥାପିତ ପରିବାରମାନଙ୍କ ପ୍ରତିନିଧି, ଓଡ଼ିଶା ସରକାର ଓ ପୋସ୍କୋ-ଇଣ୍ଡିଆର ମିଳିତ ସହଯୋଗ ମାଧ୍ୟମରେ ପୁନର୍ବାସ-ତଥା-ପରିସୀମା ଉନ୍ନୟନ ପରାମର୍ଶ କମିଟି (ଆର୍‌ପିଡିଏସି)ରେ ଆଲୋଚନା କରାଯିବ । ପୁନର୍ବାସ ଓ ପୁନଃଥଇଥାନ ନୀତି ପ୍ରଣୟନ କାର୍ଯ୍ୟ ସମୟରେ କିପରି ବିସ୍ଥାପିତ ଲୋକମାନେ ସ୍ୱଚ୍ଛ ଓ ସରଳ ଉପାୟରେ କ୍ଷତିପୂରଣ ରାଶି ପାଇପାରିବେ ପୋସ୍କୋ-ଇଣ୍ଡିଆ ତଦାରଖ କରିବ । ସମସ୍ତ ସୁବିଧା ଯୋଗାଇ ଦେବା ସହ ବାସଚ୍ୟୁତ ପରିବାରଙ୍କ ପୁନଃଥଇଥାନ ନିମନ୍ତେ କମ୍ପାନୀ ସାହାଯ୍ୟ କରିବ । ଏକ ସାମାଜିକ ଦାୟିତ୍ୱବୋଧ କମ୍ପାନୀଭାବେ, ଆମେ ସ୍ଥାନୀୟ ଲୋକମାନଙ୍କ ଜୀବନଧାରଣ ମାନରେ ଉନ୍ନତି ନିମନ୍ତେ ଏକ ସାକାରାତ୍ମକ ଭୂମିକା ଗ୍ରହଣ କରିବୁ ।